# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 March – 2026

## ରାଜ୍ୟସଭା ନିର୍ବାଚନ

ରାଜ୍ୟସଭା ନିର୍ବାଚନ ପାଇଁ ଆଜି ମତ ଗ୍ରହଣ କରାଯିବ। ବିଧାନସଭା ଅଧିବେଶନ ଜାରିରହିଥିଲେ ମଧ୍ୟ ୫୪ ନମ୍ବର ପ୍ରକୋଷ୍ଠରେ ସକାଳ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ । ଓଡ଼ିଶାରେ ୪ଟି ଆସନ ପାଇଁ ୫ ଜଣ ପ୍ରାର୍ଥୀ ରହିଛନ୍ତି ।  ସେମାନଙ୍କ ମଧ୍ୟରେ ବିଜେପିରୁ ମନମୋହନ ସାମଲ ଓ ସୁଜିତ କୁମାର, ବିଜେଡିରୁ ସନ୍ତୃପ୍ତ ମିଶ୍ର, କଂଗ୍ରେସ-ବିଜେଡି ସମର୍ଥିତ ଡାକ୍ତର ଦତ୍ତେଶ୍ୱର ହୋତା ଓ ସ୍ୱାଧୀନ ଭାବେ ଦିଲ୍ଲୀପ ରାୟ ରହିଛନ୍ତି।

## ଓଡ଼ିଶା ଦିବସ-ରାଜ୍ୟପାଳ

୨୦୩୬ ମସିହାରେ ଓଡ଼ିଶା ଗଠନର ଶତବାର୍ଷିକୀ ପୂର୍ତ୍ତି ପାଳନ କରାଯିବ । ଏଥିପାଇଁ ସମୃଦ୍ଧ, ସମାବେଶୀ ଓ ଅଗ୍ରଣୀ ଓଡ଼ିଶା ଗଠନ ପାଇଁ ସାମୂହିକ ସଂକଳ୍ପ ନେବାକୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବ ୨୦୨୬ରେ ଗତକାଲି ଯୋଗଦେଇ ରାଜ୍ୟପାଳ କହିଛନ୍ତି, ଏହି ସମାବେଶ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାରେ ଏକ ମଞ୍ଚ ପ୍ରଦାନ କରିଛି । 'ସଂସ୍କୃତି ଓ ପ୍ରକୃତି' ପ୍ରସଙ୍ଗ ଆଧାରରେ ଚଳିତବର୍ଷ ଏହି ସମାବେଶ ଅନୁଷ୍ଠିତ ହେଉଛି  ।

## ଅଲିଭ୍ ରିଡ୍‌ଲେ

ଗଞ୍ଜାମ ଜିଲ୍ଲା ପୁରୁଣା ବନ୍ଧ ନିକଟ ରୁଷିକୁଲ୍ୟା ମୁହାଣ ନିକଟରେ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରହିଛି । ଶନିବାର ଦିନ ପ୍ରଥମ ଦିନରେ ପ୍ରାୟ ୧୦ ହଜାର ୨୦୦ କଇଁଛ ଅଣ୍ଡା ଦେଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି । କଇଁଛଙ୍କ ସୁରକ୍ଷା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଗତବର୍ଷ ପ୍ରଥମ ପର୍ଯ୍ୟାୟରେ ୬ ଲକ୍ଷ ୯୮ ହଜାର ୭୧୮ କଇଁଛ ଅଣ୍ଡା ଦେଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭୮ହଜାର କଇଁଛ ଅଣ୍ଡାଦାନ କରିଥିବା ବନ ବିଭାଗ କହିଛି ।

## କର୍ମଶାଳା

ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଏକ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏବଂ ଓକାକ୍ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଯୋଗଦେଇ  ପ୍ରଶାସନିକ କାର୍ଯ୍ୟଧାରାରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ  ଉପରେ ଆଲୋକପାତ କରିଥିଲେ ।

## ମଣ୍ଡେଇ ଯାତ୍ରା

ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଧୋତ୍ରା ସ୍ଥିତ ମା’ ଙ୍ଗଲାଜିନି ଠାକୁରାଣୀଙ୍କ ମଣ୍ଡେଇ ଯାତ୍ରା ଆରମ୍ଭ ହୋଇଛି । ଏହି ଅବସରରେ ଜିଲ୍ଲାର

ବିଭିନ୍ନ ଗ୍ରାମରୁ ଆସିଥିବା ଗ୍ରାମଦେବତୀଙ୍କ ପ୍ରତୀକାତ୍ମକ ଲାଠି, କୁର୍ଶି ଓ ବିମାନ ଆଦି ସେଠାରେ ପହଞ୍ଚିବା ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ୪ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କୁ ସମାଗମ ହୋଇଛି ।

## ଜାତୀୟ ସମ୍ମିଳନୀ

ନୂଆପଡ଼ା ଜିଲ୍ଲା ଖଡ଼ିଆଳସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଦିନିକିଆ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବବର୍ଗଙ୍କ ମଧ୍ୟରେ ଆକାଂକ୍ଷା ଏବଂ ପସନ୍ଦରେ ମଡେଲିଂର ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ମନୋବିଜ୍ଞାନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

## ନାଟକ ମହୋତ୍ସବ

ନୟାଗଡ଼ସ୍ଥିତ ପଠାଣିସାମନ୍ତ ଅଡିଟୋରିଅମ୍‌ଠାରେ ଷଷ୍ଠ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ ହୋଇଛି । ଗତକାଲି ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଂଜନ ସାମନ୍ତରାୟ ଯୋଗଦେଇ ନାଟ୍ୟ ମହୋତ୍ସବ ଆୟୋଜନର ସାମାଜିକ ପ୍ରଭାବ ଉପରେ ଆଲୋକପାତ କରିଥିଲେ।

# ଟିକାକରଣ ଦିବସ

ଟିକାକରଣର ଗୁରୁତ୍ୱ ଏବଂ ଏହା ବିଷୟରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ ଟିକାକରଣ ଦିବସ ଭାବେ ପାଳନ କରାଯାଉଛି। 'ସମସ୍ତଙ୍କ ପାଇଁ ଟିକାକରଣ ମାନବିକ ଭାବରେ ସମ୍ଭବ' ବିଷୟବସ୍ତୁକୁ ନେଇ ଚଳିତବର୍ଷ ଏହି ଦିବସ ପାଳନ କରାଯାଉଛି । ୧୯୯୫ ମାର୍ଚ୍ଚ ମାସ ୧୬ତାରିଖରେ ଦେଶର ପ୍ରଥମ ଥର ପାଇଁ ପୋଲିଓ ଟିକାକରଣ ଅଭିଯାନ ଆରମ୍ଭ କରାଯାଇଥିଲା । ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ କାର୍ଯ୍ୟକାରୀ ହେଉଥିବା ଟିକାକରଣ ଅଭିଯାନରେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଏବଂ ଜନସାଧାରଣ ସାମିଲ ହେବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଛି ।

# ପୁରୀ-ରଥଯାତ୍ରା

ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷାର ସମୀକ୍ଷା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ବର୍ଷର ରଥଯାତ୍ରା ପରିଚାଳନା ପାଇଁ ଦାୟିତ୍ୱ ମିଳିବା ପରେ ଶ୍ରୀ ପ୍ରିୟଦର୍ଶୀ ପୁରୀ ଶ୍ରୀମନ୍ଦିର ଯାଇ ଗତକାଲି ମହାପ୍ରଭୁଙ୍କୁ ଦର୍ଶନ କରିବା ପରେ ବାଗାଡ଼ିଆ ଧର୍ମଶାଳାର ସିସିଟିଭି କଣ୍ଟ୍ରୋଲ ରୁମ୍ ବୁଲି ଦେଖିଥିଲେ। ପୁଲିସ ଆରକ୍ଷୀ ଅଧୀକ୍ଷକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ସମ୍ବନ୍ଧରେ ଜିଲ୍ଲା ପୁଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଶ୍ରୀ ପ୍ରିୟଦର୍ଶୀଙ୍କୁ ଅବଗତ କରାଇଥିଲେ।

# ଅଭିଯୋଗ ଶୁଣାଣୀ ବନ୍ଦ

ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବା ହେତୁ ଆଜି ଓ ଆସନ୍ତା ୨୩ ଏବଂ ୩୦ତାରିଖ ସୋମବାରରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀ ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣୀର ତାରିଖ ସମ୍ବାଦପତ୍ର ମାଧ୍ୟମରେ ଜନସାଧାରଣଙ୍କୁ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

---

## କାଳବୈଶାଖୀ

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଜନିତ ଝଡ଼, ବଜ୍ରପାତ ଏବଂ ପବନ ବହିବାର ସମ୍ଭାବନା ରହିଛି। ଗତକାଲି ବାରିପଦା ଓ ଅନୁଗୁଳର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଛି । । କନ୍ଧମାଳ ଜିଲ୍ଲାର ଜି.ଉଦୟଗିରି, ରାଇକିଆ ଅଞ୍ଚଳରେ ଗତକାଲି ଅପରାହ୍ନରେ ପ୍ରାୟ ୧ ଘଣ୍ଟା ଧରି ବଜ୍ରପାତ ଓ ପ୍ରବଳ କୁଆପଥର ବର୍ଷା ହୋଇଥିଲା।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୧୩ଟି ଜିଲ୍ଲାକୁ କାଳବୈଶାଖୀ ଜନିତ ସତର୍କ ସୂଚନା ଜାରି କରାଯାଇଛି । କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତାପମାତ୍ରା ହ୍ରାସ ପାଇଛି ।

---